## ଇଂଲିଶ ବିଭାଗ ପ୍ରଫେସରଙ୍କୁ ଆକ୍ରମଣ କଲେ ସ୍ତ୍ରୀ

ଗୋପାଳପୁର,(ଡି.ଏନ୍.ଏ.)- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ କାର୍ଯ୍ୟାଳୟ ପରିସରରେ କବାଟ କିଳି ଇଂଲିଶ ବିଭାଗ ଆସୋସିଏଟ୍ ପ୍ରଫେସରଙ୍କୁ ତାଙ୍କ ସ୍ତ୍ରୀ ଶନିବାର କୌଣସି କାରଣକୁ ନେଇ ପିଟିଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଘଟଣାସ୍ଥଳରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଅନ୍ୟକର୍ମଚାରୀମାନେ ଉଭୟଙ୍କୁ କବାଟ ଖୋଲିବାକୁ କହିଥିଲେ ମଧ ସେମାନେ ଖୋଲି ନ ଥିଲେ। ପରେ କବାଟ ଖୋଲିବାରୁ ପ୍ରଫେସରଙ୍କୁ ତାଙ୍କ ସ୍ତ୍ରୀ ପିଟୁଥିବା ଦେଖିବାକୁ ମିଳିଥିଲା। ଏହାର କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

## ଆଜି କ'ଣ କେଉଁଠି

- ସଂସ୍କୃତ ଦିବସ ମହୋତ୍ସବ ସ୍ଥାନ–ଆମ୍ବପୁଆ ପୋଲିସ ହାଇସ୍କୁଲ। ସମୟ–ପୂର୍ବାହ୍ନ ୧୧.ଟା।
- ଶିଶୁ ସୁରକ୍ଷା ସମ୍ପର୍କିତ ସମ୍ମିଳନୀ ସ୍ଥାନ–ଡାକ ବଙ୍ଗଳା, ଇଞ୍ଜିନୟରିଂ ସ୍କୁଲ। ସମୟ–ପୂର୍ବାହ୍ନ ୧୦.ଟା।
- ପଟେଲ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର। ସ୍ଥାନ–ଏସ୍ଏମ୍ଆଇଟି ସଭା ଗୃହ। ସମୟ–ଅପରାହ୍ନ ୪.ଟା।

## ସଂକ୍ଷେପରେ

### ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ,୨୦।୮-ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ଅକ୍ଷୟ ଉର୍ଜା ଦିବସ ଶନିବାର ପାଳିତ ହୋଇଯାଇଛି। ବାପୁଜୀ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜୀବଙ୍କ ଶାସନରେ କାର୍ଯ୍ୟକାରୀ ହୋଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ୧୮ ବର୍ଷିଆଙ୍କ ଭୋଟ ଅଧିକାର ଓ କମ୍ପ୍ୟୁଟରୀକରଣ ଆଦି ସମ୍ପର୍କରେ ମନେ ପକାଇ ଦିଆଯାଇଥିଲା। ଜିଲା କମିଟି ଉପସଭାପତି ମହେଶ୍ୱର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପଦ୍ମଚରଣ ସାହୁ, ଦଣ୍ଡପାଣି ପାତ୍ର, ବୃନ୍ଦାବନ ଖଟେଇ, ନାଗ ଭୂଷଣ ରାଓ, କିଶୋର କପୁର, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ବନଜା ପଣ୍ଡା, ସୁଜ୍ଞାନୀ ପଟ୍ଟନାୟକ, ଯୁବ କଂଗ୍ରେସ ଜିଲା ସଭାପତି ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜୀବଙ୍କ ସ୍ମୃତିଚାରଣ ସହ ସେହି ଅମ୍ଳାନ ଆତ୍ମାର ସଦ୍‌ଗତି କାମନା କରାଯାଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ଛାତ୍ରଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍

ବ୍ରହ୍ମପୁର ଅଫିସ,୨୦।୮: ଜଣେ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଲୁଟି ନେଇଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୪୩/୨୨ରେ ଏକ ମାମଲା ରୁଜୁ କରିଛି। ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ କୁମାରପୁର ଗ୍ରାମର ଦିନେଶ ବେହେରା ଗୋଷାଣୀନୂଆଗାଁ କଦଳୀବାଡ଼ ସାହିରେ ଘର ଭଡ଼ା ନେଇ ରହୁଛନ୍ତି। ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ଶୁକ୍ରବାର ସେ ଏକ ପରୀକ୍ଷା ସାରି ସନ୍ଧ୍ୟାରେ ରେଳଷ୍ଟେଶନ ରାସ୍ତା ଦେଇ ଘରକୁ ଫେରୁଥିଲେ। ଗୋଷାଣୀନୂଆଗାଁ ଓଭରବ୍ରିଜ ନିକଟରେ ୪/୫ ଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତାଙ୍କ ପାଖରେ ଟଙ୍କା ନ ଥିବା କହିଥିଲେ। ହେଲେ ସେଠାରେ ଲୁଟେରାମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଝାମ୍ପି ନେଇଯାଇଥିଲେ।

**ବରିଷ୍ଠ ନାଗରିକଙ୍କ ସୁରକ୍ଷା ଜରୁରୀ**

### ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ



ବ୍ରହ୍ମପୁର ଅଫିସ,୨୦।୮-ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ ଶନିବାର ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାଧା ଚରଣ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ସାହିତ୍ୟିକ ଡ.ହରିକୃଷ୍ଣ ନାୟକ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଆୟୁର୍ବେଦ ଶାସ୍ତ୍ର ବିଶାରଦ ଡା.ନକୁଳ ସାହୁ ଓ ସମ୍ମାନିତ ଅତିଥି ଜିଲା ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ଅନୁଷ୍ଠାନ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଯୋଗ ଦେଇଥିଲେ। ରାଷ୍ଟ୍ର ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଓ ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାଧା ଚରଣ ନାୟକଙ୍କୁ ରବି ନାରାୟଣ ମିଶ୍ର ବରିଷ୍ଠ ନାଗରିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପସଭାପତି ଡ.ପ୍ରାଣଚାନ୍ଦ ପଣ୍ଡା, ହାଡିବନ୍ଧୁ ମାଳି, ସରୋଜ କାନ୍ତ ରଥ କାର୍ଯ୍ୟକ୍ରମରେ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୋପାଳ କୃଷ୍ଣ ପାଢୀ, ସମ୍ପାଦକ ରଜନୀକାନ୍ତ ମଣ୍ଡଳ, କୋଷାଧକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ସୁବାସ ଚନ୍ଦ୍ର ସୁବୁଦ୍ଧି, ବିଚିତ୍ରାନନ୍ଦ ବେବର୍ତ୍ତା ଓ ଅମିତ କୁମାର ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାସିଗଲା କଲଭର୍ଟ, ଭାଙ୍ଗିଲା ଘର



ଜଲେଶପଙ୍କାରୁ ସିର୍ଲାକୁ ସଂଯୋଗ କରୁଥିବା ରାସ୍ତାର କାଉବାଲି ନାଳ ପୋଲ ଧୋଇଯାଇଛି।

## କନ୍ଧମାଳରେ ବର୍ଷା ବିପ୍ରାତ

- ■ଦାରିଙ୍ଗବାଡ଼ି-ରାଇକିଆ ରାସ୍ତାରେ ୪ ଫୁଟ୍‌ର ପାଣି
- ■ଭାଙ୍ଗିଲା ବୁଦୁରକାମ୍ବା ପୋଲ
- ■ତୁମୁଡ଼ିବନ୍ଧରେ ପାହାଡ଼ରୁ ପଥର ଖସି ରାସ୍ତା ଅବରୋଧ



ପାରିଗଡ଼ ପଞ୍ଚାୟତର ବୁଦୁରକାମ୍ବାର ପୋଲ ଭାଙ୍ଗିଯାଇଛି।



ଲଗାଣବର୍ଷାରେ ଭାଙ୍ଗିଯାଇଥିବା ଘର

**ଦାରିଙ୍ଗବାଡ଼ି/ରାଇକିଆ/କୋଟଗଡ଼/ବାଲିଗୁଡ଼ା/ତୁମୁଡ଼ିବନ୍ଧ/ଜି.ଉଦୟଗିରି (ଡି.ଏନ୍.ଏ), ଫୁଲବାଣୀ ଅଫିସ, ୨୦।୮**

କନ୍ଧମାଳ ଜିଲାରେ ଗତ ତିନିଦିନ ଧରି ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ଅବସ୍ଥା ବେହାଲ ହୋଇପଡିଛି। ଫୁଲବାଣୀ ସହରର ଅନେକ ୱାର୍ଡରେ ବର୍ଷା ଜଳ ଲୋକଙ୍କ ଘରେ ପଶିଯାଇଛି। ମାଟିଘର ଭୁଶୁଡି ପଡିଛି। ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପିଲାସାଲଙ୍କି ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଡ୍ୟାମ୍ ଉପରେ ଦୁଇଦିନ ହେଲା ୩ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଡାକପାଲା, ଦାମିଙ୍ଗା, ଆଲମି ଆଦି ପଞ୍ଚାୟତର ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ବିଭିନ୍ନ ସ୍ଥାନରେ କଲଭର୍ଟ ସମ୍ପୂର୍ଣ୍ଣ ଧୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଜିଲାର ଦାରିଙ୍ଗବାଡ଼ି- ରାଇକିଆ ଓ ଫିରିଙ୍ଗିଆ ବ୍ଲକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି।

ଫିରିଙ୍ଗିଆ–ଲାମପଦର ରାସ୍ତାର ପାଜିମାହା କଲଭର୍ଟ ଧୋଇଯିବାରୁ ତନିପଦର, ଲାମପଦର, ପଥରଖୋଲ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। କେତେକ ସ୍ଥାନରେ ମାଟି ଅତଡ଼ା ଖସି ଗମନାଗମନ ଠପ ହୋଇଯାଇଛି । ସେହିପରି ରାଇକିଆ–କରଡ଼ା ରାସ୍ତାରେ ମାଟି ଅତଡ଼ା ଖସିବା ଫଳରେ ରଣବା–ଇନ୍ଦ୍ରଗଡ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଜିଲାର ଅନେକ ସ୍ଥାନରେ ବହୁ ଘର ଭାଙ୍ଗିଯାଇଛି। ବର୍ଷା ପ୍ରଭାବରେ ତିଲୋରୀ ପଞ୍ଚାୟତ ସିମନବାଡ଼ି ନିକଟ ପୋଲର ସଂଯୋଗୀକରଣ ରାସ୍ତା ଧୋଇଯାଇଥିବା ବେଳେ ତାକୁ ମରାମତି କରାଯାଉଛି। ସିମନବାଡ଼ିଠାରୁ ରାଇକିଆକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ମୁରୁଡ଼ିକୁପୁଡ଼ା ନିକଟରେ ଏକ କଲଭର୍ଟ ଉପରେ ପ୍ରାୟ ୪ଫୁଟ୍ ଉଚ୍ଚର ପାଣି ଯାଉଛି। ଅନ୍ୟପକ୍ଷରେ ସୁଗଡ଼ବାଡ଼ି ବିଦ୍ୟାଳୟକୁ ଛାତ୍ରୀଛାତ୍ର ଅସ୍ଥାୟୀ ପୋଲ ଉପରେ ପ୍ରବାହିତ ହେଉଥିବା ପାଣିରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ରାସ୍ତା ପାର ହୋଇ ଯାଉଛନ୍ତି। ରାଇକିଆ ତହସିଲଦାର ହରପ୍ରସାଦ ଭୋଇ ଉକ୍ତ ସ୍ଥାନକୁ ଯାଇ ପାଣିରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ବାରଣ କରିଥିଲେ। ଉକ୍ତ ରାସ୍ତା ଗତ ରବିବାର ଧୋଇଯାଇଥିବା ବେଳେ ତାକୁ ବୁଧବାର ମରାମତି କରାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ପୁଣି ଶନିବାର ବର୍ଷା କାରଣରୁ ଉକ୍ତ ରାସ୍ତା ଉପରେ ବର୍ଷା ଜଳ ୪ ଫୁଟ ଉଚ୍ଚତାରେ ପ୍ରବାହିତ ହେଉଥିବାରୁ ପୋଲ ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସିମନବାଡ଼ି ସମେତ କିରିକୁଟି, ବ୍ରାହ୍ମଣୀଗାଁ, ପର୍ତ୍ତମାହା, ତିଲେଶରୀ, ବୁଡାଗୁଡ଼ା, ସିଆଙ୍ଗବାଲି ଆଦି ୨୫ ପଞ୍ଚାୟତର ଏକାଧିକ କଚ୍ଚା ଘର ବର୍ଷାରେ କ୍ଷତି ହୋଇଥିବା ବିଡିଓଙ୍କ ନିକଟରେ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଧାନ ସମେତ ପନିପରିବା ଚାଷ ମଧ୍ୟ କ୍ଷତି ହୋଇଛି । କୋଟଗଡ଼ ବ୍ଲକର ପାରିଗଡ଼ ପଞ୍ଚାୟତର ବୁଦୁରକାମ୍ବାର ପୋଲ ଭାଙ୍ଗିଯାଇ ଗମନାଗମନ ପୂରା ବିଚ୍ଛିନ୍ନ ହୋଇଯାଇଛି। ଲୋକେ ବ୍ଲକ ମୁଖ୍ୟାଳୟକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିଗୁଡ଼ା ବ୍ଲକ ମହାସିଙ୍ଗି ପଞ୍ଚାୟତର ବିଭିନ୍ନ ୱାର୍ଡରେ ଲୋକଙ୍କ ଘରେ ବର୍ଷା ଜଳ ପଶିବା ସହ ଅନେକ କ୍ଷତି ହୋଇଛି। ମୁଖ୍ୟ ରାସ୍ତା ତଥା ଗାଁ ଦେଇ ଯାଇଥିବା ୫୯ ନଂ ଜାତୀୟ ରାଜପଥରେ ଲହଡ଼ି ଭାଙ୍ଗୁଛି ବର୍ଷା ଜଳ।

ସେହିପରି ତୁମୁଡିବନ୍ଧରେ ଲଗାଣ ବର୍ଷା ଯୋଗୁ କେଉଁଠି ରାସ୍ତା ଧୋଇଛି ତ ପାହାଡରୁ ପଥର ଖସି ରାସ୍ତା ଅବରୋଧ ହୋଇଛି। ୫୯ ନମ୍ବର ଜାତୀୟ ରାଜପଥ ଜଲେଶପଙ୍କାଠାରୁ ସିର୍ଲାକୁ ସଂଯୋଗ କରୁଥିବା ରାସ୍ତାର କାଉବାଲି ନାଳ ପୋଲର ଉଭୟ ପାର୍ଶ୍ୱ ଧୋଇଯିବାରୁ ଯାତାୟାତ ବନ୍ଦ ହୋଇଛି। ସେହିପରି ସିର୍ଲାଠାରୁ ପରିଗଡ଼କୁ ସଂଯୋଗ କରୁଥିବା ରାସ୍ତାର ବୁଡାକାମ୍ବାଠାରେ ରାସ୍ତା ଧୋଇହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ତୁମୁଡିବନ୍ଧଠାରୁ ବେଲଘର ରାସ୍ତାର ପୂଜାଘାଟିଠାରେ ପଥର ଖସି ଅବରୋଧ ହେବା ଫଳରେ ଗୁମା, ବେଲଘର, ବିଲମାଳ ଓ ଝିରିପାଣି ୪ଟି ପଞ୍ଚାୟତକୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ସୋରେଙ୍ଗ କ୍ଷତିଗ୍ରସ୍ତ ରାସ୍ତା ବୁଲି ଦେଖିଛନ୍ତି।

ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଫିରିଙ୍ଗିଆରେ ସର୍ବାଧିକ ୨୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବାଲିଗୁଡାରେ ୧୪୪ ମିମି, ଚକାପାଦରେ ୧୯୦ ମିମି, ଦାରିଙ୍ଗବାଡିରେ ୫୩ ମିମି, ଜି.ଉଦୟଗିରିରେ ୮୪.୪ ମିମି, ଖଜୁରୀପଡାରେ ୧୨୫ ମିମି, କୋଟଗଡରେ ୧୩୬ ମିମି, କ.ନୂଆଗାଁରେ ୧୨୫.୩ ମିମି, ଫୁଲବାଣୀରେ ୧୬୮.୨ ମିମି, ରାଇକିଆରେ ୬୮.୪ ମିମି, ଟିକାବାଲିରେ ୧୯୬ ମିମି, ତୁମୁଡିବନ୍ଧରେ ୧୨୪.୨ ମିଲିମିଟର ବର୍ଷା ହୋଇଛି।



ରାସ୍ତାଉପରେ ପ୍ରବାହିତ ଜଳରେ ଫସିଯାଇଥିବା ବାଇକ୍‌ଚାଳକ।



କଲଭର୍ଟ ଉପରେ ପାଣିରେ ବିପଦପୂର୍ଣ୍ଣ ଭାବେ ଯିବାଆସିବା କରୁଛନ୍ତି ଛାତ୍ରୀଛାତ୍ର।

# ଏଆଇଡିଏସ୍‌ଓର ବିକ୍ଷୋଭ, ଦାବିପତ୍ର ପ୍ରଦାନ



ଏଆଇଡିଏସଓ ପକ୍ଷରୁ ଖଲିକୋଟ କଲେଜ ସମ୍ମୁଖରେ ବିକ୍ଷୋଭ।

## ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**ବ୍ରହ୍ମପୁର ଅଫିସ,୨୦।୮**

ଖଲ୍ଲିକୋଟଉଚ୍ଚମାଧ୍ୟମିକବିଦ୍ୟାଳୟ(ପୂର୍ବରୁ ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ)କୁ ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତରକୁ ନେଇ ଅଲ୍ ଇଣ୍ଡିଆ ଡିଏସ୍ଓ (ଏଆଇଡିଏସଓ) ତୀବ୍ର ବିରୋଧ କରିଛି। ସଂଘ ପକ୍ଷରୁ ଶନିବାର ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧକ୍ଷଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦକ୍ଷିଣ ଓଡ଼ିଶାର ଐତିହ୍ୟସମ୍ପନ୍ନ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟ ନିକଟରେ ଶଶିଭୂଷଣ ରଥ ସରକାରୀ ମହାବିଦ୍ୟାଳୟ ରହିଛି, ଯାହାକି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରୁଛି। କିନ୍ତୁ ବର୍ତ୍ତମାନ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତ୍ତି ଦ୍ୱାରା ଏହାର ଶୈକ୍ଷିକ ଓ ସାଂସ୍କୃତିକ ବାତାବରଣ ନଷ୍ଟ ହେବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ରହିଥିବା ପାଠାଗାରରେ ପଢିବାରୁ ବଞ୍ଚିତ ହେବେ। ଯାହାଦ୍ୱାରା ଉନ୍ନତ ଶିକ୍ଷା ଗ୍ରହଣ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ଏଣୁ ଖଲ୍ଲିକୋଟ କଲେଜକୁ ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସ୍ଥାନାନ୍ତର ନିଷ୍ପତ୍ତି ତୁରନ୍ତ ବାତିଲ ସହ ଖାଲି ପଡିଥିବା ସମସ୍ତ ଅଧ୍ୟାପକ ପଦବୀ ପୂରଣ ପାଇଁ ସଂଘ ଦାବି କରିଛି। ବିକ୍ଷୋଭରେ ସଂଘ ଜିଲା ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସମେତ ନାରାୟଣ ସାହୁ, ପପୁନ ସାହୁ, କିଷାନ ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଅଲିଭା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏକାଡେ଼ମିକ କାଉନସିଲର ବାର୍ଷିକ ବୈଠକ

**ବ୍ରହ୍ମପୁର ଅଫିସ,୨୦।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏକାଡେ଼ମିକ କାଉନସିଲ ପକ୍ଷରୁ ଶୈକ୍ଷିକ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ରଣଜିତ୍ ସଭା ପରିଚାଳନା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ଏମ୍‌କେସିଜି ମେଡ଼ିକାଲ କଲେଜ ଡ଼ିନ ପ୍ରଫେସର ଅବନୀ କାନ୍ତ ମିଶ୍ର ଉପସ୍ଥିତ ଥିଲେ। ବୈଠକରେ ବିଗତ ଶିକ୍ଷାବର୍ଷରେ ଗୃହୀତ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଚଳିତ ବର୍ଷ ୨୪ ଟି ପିଜି ପାଠ୍ୟକ୍ରମର ନୂତନ ସିଲାବସ୍‌କୁ ଅନୁମତି ଦିଆଯିବା ସହ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ପରୀକ୍ଷା ନିମନ୍ତେ ଦୁଇଟି ମୂଲ୍ୟଯୁକ୍ତ ବିଷୟକୁ ଗୃହୀତ କରାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ପିଏଚଡ଼ି ଥେସିସ ଦାଖଲ ସମୟ ସୀମା ୨.୫ ବର୍ଷରୁ ୨ ବର୍ଷକୁ କମ କରିବା, ପିଜି ମୂଲ୍ୟାୟନ ପଦ୍ଧତିକୁ ସଂସ୍କାର ଓ ସରଳୀକରଣ କରିବା ନିମନ୍ତେ ନିଷ୍ପତ୍ତି ଗୃହୀତ ହୋଇଛି। ସହ ପରୀକ୍ଷା ନିୟନ୍ତ୍ରକ ଡ଼.ସତ୍ୟବ୍ରତ ପାତ୍ର ସହଯୋଗ କରିଥିଲେ।

# ଆଲୁମ୍‌ନି ବୈଠକ, କୁଳପତିଙ୍କୁ ସମ୍ବର୍ଦ୍ଧନା


ଛାତ୍ର ସଂଘ ପକ୍ଷରୁ କୁଳପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨୦।୮**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଗଣେଶ ହଲ୍‌ଠାରେ ଆଲୁମ୍‌ନି ବୈଠକ ଓ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂଘ ସଭାପତି ସୁରେନ୍ଦ୍ର କୁମାର ମହାରଣା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ବୈଠକରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଖଲ୍ଲିକୋଟ କଲେଜର ପୂର୍ବତନ ଛାତ୍ରନେତାମାନେ ଉପସ୍ଥିତ ଥିଲେ। ଛାତ୍ର ସଂଘର ସମସ୍ତ କର୍ମକର୍ତ୍ତାମାନେ ନିଜର ପୁରାତନ ସ୍ମୃତିକୁ ମନେପକାଇ ଥିଲେ। ବୈଠକରେ ଛାତ୍ର ସଂଘ ପକ୍ଷରୁ କୁଳପତି ପ୍ରଫେସର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଛାତ୍ରନେତା ପ୍ରଦୀପ କୁମାର ନାୟକ, ଶିବରାମ ପାତ୍ର, ରଞ୍ଜିତ କୁମାର ନାୟକ, ଗୌରହରି ବିଷୋୟୀ, କେ.ସାଇ କୁମାର ଓ ସୁଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ଗଞ୍ଜେଇ ଚାଲାଣ ମାମଲା

**ବ୍ରହ୍ମପୁର ଅଫିସ,୨୦।୮**

ଅତିରିକ୍ତ ଜିଲା ଦୌରା ଜଜ୍(ଏଡିଜେ)– ୧ ସଂଘମିତ୍ରା ଶର୍ମା ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ଘଟଣାର ୧୦ବର୍ଷ ପରେ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କୁଟାଗୁଡ଼ା ଗ୍ରାମର ସୁଶାନ୍ତ ପାଳ (୪୨)।

ସୂଚନା ଅନୁସାରେ, ୨୦୧୨ରେ ବ୍ରହ୍ମପୁର ଅବକାରୀ ପୋଲିସ ସ୍ଥାନୀୟ ରେଳଷ୍ଟେଶନ ନିକଟରୁ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଯୁବକ ସୁଶାନ୍ତ ପାଳଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ମାମଲା ନମ୍ବର ୧୮/୧୨ରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଅବକାରୀ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିବା ପରେ ସୁଶାନ୍ତଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ଶୁଣାଣି ବେଳେ ସୁଶାନ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଏଡିଜେ ତାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅନିଲ ସାହୁ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୱେଷ୍ଟଠାରୁ ୱେଲ୍‌ଥକୁ ଆପଣାଇବ ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨୦।୮**

- ■ଆଇଟିଆଇ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ଓୟୁ
- ■ଉତ୍କୃଷ୍ଟ ଶିକ୍ଷା ଗ୍ରହଣ କରିବ ଆଇଟିଆଇ



ଏମ୍ଓୟୁ ସ୍ୱାକ୍ଷରିତ ସମୟରେ ଉପସ୍ଥିତ ଆଇଟିଆଇ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ।

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଶୁକ୍ରବାର ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଯାହାଦ୍ୱାରା ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷ ଶିକ୍ଷା ଗ୍ରହଣ କ୍ଷେତ୍ରରେ ସହାୟକ ହୋଇପାରିବ। ଏଥିସହ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନିଷ୍ଟରୁ ଶ୍ରେଷ୍ଠ ଓ ୱେଷ୍ଟରୁ ୱେଲ୍‌ଥକୁ ଆପଣାଇବା ନିମନ୍ତେ ମଧ ସହାୟକ ହେବ। ତତ୍‌ସହିତ ଆଇଟିଆଇ ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ଲ୍ୟାବ୍, କମ୍ପ୍ୟୁଟର କେନ୍ଦ୍ର, ଇନୋଭେଶନ ସେଣ୍ଟରରେ କ୍ଲାସ୍ କରିବା ପାଇଁ ସୁଯୋଗ ପାଇବେ। ସେହିଭଳି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ମଧ ଆଇଟିଆଇରେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟ ସମ୍ବନ୍ଧରେ ତାଲିମ ନେବାରେ ସୁବିଧା ପାଇପାରିବେ। ଭର୍ଚୁଆଲରେ ହୋଇଥିବା ଏହି ଚୁକ୍ତିନାମାରେ ବୈଷୟିକ ଶିକ୍ଷାନୁଷ୍ଠାର ନିର୍ଦ୍ଦେଶକ ରଘୁ ଜୀ ଯୋଗ ଦେଇଥିଲେ। ଏଭଳି ଚୁକ୍ତିନାମା ଦେଶରେ ପ୍ରଥମ ଥର ପାଇଁ ଆଇଟିଆଇ ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ସେ କହିଥିଲେ। ଦକ୍ଷତା ବିକାଶର ଅତିରିକ୍ତ ସଚିବ ତପନ କୁମାର ଶତପଥୀ ଯୋଗ ଦେଇ ବ୍ରହ୍ମପୁର ଆଇଟିଆଇ ଭାରତର ବଡ ଶିକ୍ଷାନୁଷ୍ଠାନ ହୋଇଥିବାରୁ ଏଠାରେ ବହୁ ଛାତ୍ରୀଛାତ୍ର ଅଧ୍ୟୟନ ନିମନ୍ତେ ଉତ୍ସାହ ପ୍ରକାଶ କରୁଥିବା କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଆଇଟିଆଇର ୱେଷ୍ଟଠାରୁ ୱେଲ୍‌ଥକୁ ବିଶ୍ୱବିଦ୍ୟାଳୟ ଆପଣାଇବ ବୋଲି କହିଥିଲେ। ଏହି ଚୁକ୍ତିନାମା ବଳରେ ଆଇଟିଆଇ ଆଗାମୀ ଦିନରେ ଅନେକ ସଫଳତା ହାସଲ କରିବ ବୋଲି ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ରାଜେନ୍ଦ୍ର କୁମାର ରଣଜିତଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

